SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର


# SHREE JAGANNATH TEMPLE BULLETIN

ମାର୍ଚ୍ଚ-୨୦୨୩ MARCH-2023

## ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି

ସୌରମାନ ଗଣନା ଅନୁସାରେ ଯେତେବେଳେ ସୂର୍ଯ୍ୟ ମୀନରାଶିରୁ ମେଷରାଶିକୁ ସଂକ୍ରମଣ କରନ୍ତି ସେତେବେଳେ ସେହି କାଳକୁ ମେଷ ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି କୁହାଯାଏ, ଯାହା ସୌର ବର୍ଷର ପ୍ରଥମ ଦିନ ଅଟେ । ଏହି ସଂକ୍ରାନ୍ତିକୁ ସୂର୍ଯ୍ୟଦେବ ଉତ୍ତରାୟଣର ଅର୍ଦ୍ଧେକ ଯାତ୍ରା ପୂର୍ଣ୍ଣ କରିଥାନ୍ତି । ବିଷ୍ଣୁଧର୍ମୋତ୍ତରରେ ଉଲ୍ଲେଖ ଅଛି-

'ମେଷ ସଂକ୍ରମଣେ ଭାନୋର୍ମେଷ ଦାନଂ ମହାଫଳମ୍ ।' ସୁମନ୍ତ ଋଷି କହିଛନ୍ତି- 'ବିପ୍ରେଭ୍ୟଃ ପାଦୁକେ ଛତ୍ରଂ ପିତୃଭ୍ୟୋ ବିଷୁବେ ଶୁଭାନ୍ । ସକ୍ତୁଂଶ୍ଚ ଶର୍କରାମିଶ୍ରାନ୍ ଦଦ୍ୟାତ୍ ସଜଳ ଶର୍କରାଃ ।' ମେଷ ସଂକ୍ରାନ୍ତିରେ ମେଷଦାନ ବିଶେଷ ଫଳପ୍ରଦ । ବ୍ରାହ୍ମଣମାନଙ୍କୁ ପାଦୁକା, ଛତ୍ର, ପ୍ରପାଣକ, ଛତୁଆ ପ୍ରଦାନ କରାଯାଏ । ଏହି ଦିବସରେ ପ୍ରତ୍ୟେକ ଦେବଦେବୀଙ୍କୁ ଛତୁଆ, ପଣାଭୋଗ, ବୃକ୍ଷମୂଳେ ଜଳଦାନ, ତୁଳସୀ ଚଉରା ଉପରେ ଛାମୁଣ୍ଡିଆ, ଜଳଘଡ଼ି ସ୍ଥାପନ ଏବଂ ଉଭୟ ଅଗ୍ନି ଏବଂ ବାୟୁର ପ୍ରକୋପରୁ ରକ୍ଷା ନିମିତ୍ତ ହନୁମାନଙ୍କ ପୂଜନ ସମସ୍ତଙ୍କର କର୍ତ୍ତବ୍ୟ । ପଦ୍ମ ପୁରାଣ ଅନୁସାରେ- 'ତୀର୍ଥେ ଋନୁଦିନଂ ସ୍ନାନଂ ତିଳୈଶ୍ଚ ପିତୃତର୍ପଣମ୍ । ଦାନଂ ଧର୍ମଘଟାଦୀନାଂ ମଧୁସୂଦନପୂଜନମ୍ । ମାଧବେ ମାସି କୁର୍ବୀତ ମଧୁସୂଦନତୁଷ୍ଟିଦମ୍।।' ତୀର୍ଥ ଜଳରେ ସ୍ନାନ, ପିତରଙ୍କୁ ତିଳତର୍ପଣ, ଧର୍ମଘଟର ଦାନ ଏବଂ ଭଗବାନ ମଧୁସୂଦନଙ୍କ ପୂଜନର ବିଶେଷ ମହତ୍ତ୍ୱ ରହିଛି ।



ମେଷ ସଂକ୍ରାନ୍ତିରେ ପବନସୁତ ପରମ ରାମ ଭକ୍ତ, ରୁଦ୍ରାବତାର ହନୁମାନଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଏ ।

ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରର ସମସ୍ତ ମଠ, ମନ୍ଦିର, ଜାଗା, ଆଖଡ଼ା ଆଦିରେ ଶ୍ରୀହନୁମାନଙ୍କ ଜନ୍ମନୀତି ପାଳିତ ହୁଏ । ଏହି ଦିନ ସକାଳ ଧୂପ ସରିବା ପରେ ଦକ୍ଷିଣି ଘରେ ବିରାଜିତ ଶ୍ରୀହନୁମାନ ଆଜ୍ଞାମାଳ ପ୍ରାପ୍ତ ହୋଇ ଝୁଲଣମଣ୍ଡପ ତଳେ ସ୍ଥିତ ବିମାନରେ ବିଜେ କରନ୍ତି । ଘଣ୍ଟ, ଛତ୍ର କାହାଳୀ ସହ ପଟୁଆରରେ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଗୋଟିଏ ବଡ଼ ଆଜ୍ଞାମାଳ ଆଣି ସେଥିରୁ ଋରିଦ୍ୱାର ହନୁମାନ ଏବଂ ବାରଭାଇ ହନୁମାନଙ୍କୁ ପ୍ରଦାନ କରିବା ପରେ ବିମାନବଡୁ ସେବକମାନେ ବିମାନକୁ ସ୍କନ୍ଧରେ ବହନ କରି ଶ୍ରୀହନୁମାନଙ୍କୁ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥାନ୍ତି । ପୂଜାପଣ୍ଡା ଜଗନ୍ନାଥବଲ୍ଲଭ ମଠସ୍ଥ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିବା ପରେ ପଟୁଆର ସହ ଯାଇ ଦରିଆ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି । ସେଠାରୁ ପ୍ରତ୍ୟାବର୍ତ୍ତନ ପରେ ଜଗନ୍ନାଥବଲ୍ଲଭ ମଠରେ ଭୋଗ, ବନ୍ଦାପନାଦି ନୀତି ହୁଏ । ତତ୍ପରେ ଶ୍ରୀହନୁମାନଙ୍କର ବାହୁଡ଼ା ବିଜେ ହୋଇ ଦକ୍ଷିଣିଘରେ ଥିବା ସିଂହାସନରେ ଅଧିଷ୍ଠିତ ହୋଇଥାଆନ୍ତି ।

ମେଷ ସଂକ୍ରାନ୍ତିରେ ଶ୍ରୀହନୁମାନ ଆଜ୍ଞାମାଳ ପାଇ ଶ୍ରୀମନ୍ଦିରରୁ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହେବା ପରେ ଭୋଗମଣ୍ଡପ, ମଇଲମ, ମହାସ୍ନାନ, ଚନ୍ଦନ ସର୍ବାଙ୍ଗ ନୀତି ହୋଇ ଦ୍ୱିପ୍ରହର ଧୂପ ଟେରା ପଡ଼ିଥାଏ । ପୂଜାପଣ୍ଡାଙ୍କ ଦ୍ୱାରା ଏହି ସମୟରେ ଋରି ଦିଗରେ ଦିଗବଳି ଦେବାପରେ ଭୋଗମଣୋହି ବଢ଼ିଥାଏ ।

ଏହାପରେ ପାଣି ପଡ଼ିଲେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥାନ୍ତି, ଏ ଉତ୍ତାରେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହେବା ପରେ ପହୁଡ଼ କରାଯାଇଥାଏ ।

ଉକ୍ତ ଦିନ ଶ୍ରୀମନ୍ଦିର ମଧ୍ୟସ୍ଥ ତଥା ବାହାର ହନୁମାନ ବିଗ୍ରହମାନଙ୍କର ଆକର୍ଷଣୀୟ ନାଗା ବେଶ ଅନୁଷ୍ଠିତ ହୋଇଥାଏ । ସିଦ୍ଧ ମହାବୀର, ଦରିଆ ମହାବୀର, ସିରୁଳି ମହାବୀର ପ୍ରଭୃତି ମନ୍ଦିରରେ ହନୁମାନ ଭକ୍ତଙ୍କର ସମାବେଶ ହୁଏ ।

*ଡକ୍ଟର ଶ୍ରୀନିବାସ ଆଋର୍ଯ୍ୟ*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*● ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ :

ତା ୩.୩.୨୩ ରିଖ ଶୁକ୍ରବାର ଏକାଦଶୀ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ପୂର୍ବ ଏକାଦଶୀମାନଙ୍କରେ ଶ୍ରୀମଦନମୋହନ ଏକାଦଶୀ ନୀତିରେ ବିଜେ ହୁଅନ୍ତି । ସୂଚନାଯୋଗ୍ୟ ଯେ ଫଗୁଦଶମୀ ଠାରୁ ହୋଲି ପର୍ଯ୍ୟନ୍ତ ଶ୍ରୀଦୋଳଗୋବିନ୍ଦ ସମସ୍ତ ନୀତିକୁ ବିଜେ ହୋଇଥାନ୍ତି ।ଉକ୍ତ ଦିନ ଶ୍ରୀଦୋଳଗୋବିନ୍ଦ ଜୟବିଜୟ ଦ୍ୱାର ଠାରେ ଏକାଦଶୀ ବନ୍ଦାପନା, ଶୀତଳଭୋଗ ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ଜୟବିଜୟ ଦ୍ୱାରକୁ ବିଜେ ହୁଅନ୍ତେ ସେଠାରେ ଫଗୁ ବନ୍ଦାପନା ହୋଇ ବିମାନକୁ ବିଜେ କରିଥିଲେ । ପୂର୍ବଦିନ ପରି ଜଗନ୍ନାଥବଲ୍ଲଭ ଠାରେ ନୀତି ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ରାଜାଗ୍ନ୍ୟୁତ୍ସବ ବା ମେଣ୍ଢାପୋଡ଼ି :

ତା ୬.୩.୨୩ରିଖ ସୋମବାର ଫାଲଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ପୂର୍ବ ପରମ୍ପରା ପ୍ରକାରେ ମଧାହ୍ନ ଧୂପ ସରି ମୈଲମ ହେଲାପରେ ପାଳିଆ ମେକାପ ଭଣ୍ଡାର ଘର ଠାରୁ ଚ଼ନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଲାଗି କରିଥିଲେ । ଏହା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ



ଘଚେରୀ ବେଶ ନିମନ୍ତେ ବିଜେ ହୋଇଥିଲେ । ଭିତରେ ବେଶ ବଢ଼ି ପାଣିପଡ଼ି ଘଚେରୀ ଭୋଗ ଆସିଲା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୋଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ । ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଘଟୁଆରୀ ଘର ଠାରୁ ଘଣ୍ଟ, ଛତା, କାହାଳୀ ପଟୁଆରରେ ଚନ୍ଦନ ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରିଥିଲେ । ଏହାପରେ ବନ୍ଦାପନା, ସିଂହାସନ ତଳେ ମୁଦିରସ୍ତଙ୍କ ଦ୍ୱାରା ଝିମିରି ଫଗୁ ଅଞ୍ଜଳି ହୋଇ ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି ହୋଇଥିଲା । ଘମର, ଆଲଟ କଲାପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ହାତରେ ବିଜେ ହୋଇ ବିଜେ ପ୍ରତିମାମାନେ ଲକ୍ଷ୍ମୀଙ୍କ ଜଗମୋହନରେ ପୂର୍ବରୁ ପଡ଼ିଥିବା ପଲଙ୍କ ଉପରକୁ ବିଜେ ହୋଇଥିଲେ । ସେଠାରେ ଲକ୍ଷ୍ମୀନାରାୟଣଙ୍କ ଫଗୁ ଖେଳ ସରିଲା ପରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇଥିଲା । ଏହାପରେ ବିମାନରେ ବିଜେ ହୋଇ ସିଂହଦ୍ୱାର ଦେଇ ଦୋଳବେଦୀ ଠାରେ ଅଗ୍ନି ଉତ୍ସବ ସ୍ଥାନକୁ ବିଜେ କରିଥିଲେ । ଦୋଳବେଦୀ ଠାରେ ପୂଜାପଣ୍ଡା ହୋମ କଲାପରେ ପ୍ରସାଦ ଲାଗି ହୋଇ ଘମର, ଆଲଟ ହୋଇଥିଲେ । ଅଗ୍ନି ଗୃହରେ ଅଗ୍ନି ସଂଯୋଗ ପରେ ବିମାନ ଅଗ୍ନି ଘର ଘରିପଟେ ୭ ଘେରା ବୁଲି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ରାଜାଧିରାଜ ବେଶ :

ତା ୭.୩.୨୩ ରିଖ ମଙ୍ଗଳବାର ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିଲା ପରେ ମୈଲମ ହୋଇ ଶ୍ରୀବିଗ୍ରହମାନେ ସର୍ବାଙ୍ଗ ଲାଗି ହୋଇଥିଲେ । ନୂଆ ବୋଇରାଣି ଶାଢ଼ୀ ଖଣ୍ଡୁଆ ଲାଗି ସହିତ ତ୍ରିମୁଣ୍ଡିରେ ଗଭା ଲାଗି ହୋଇଥିଲେ । ଏହାପରେ ମେକାପ ଘରୁ ଖଇକୋରା ଭୋଗ ଆସିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରିଥିଲେ । ଇତ୍ୟବସରରେ ମହାଜନ, ଅଖଣ୍ଡ, ମେକାପ, ଗରାବଡୁ, ପାଳିଆ ଖୁଣ୍ଟିଆଙ୍କ ଦ୍ୱାରା ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ସିଂହାସନ ଘରିପଟେ ୭ ଘେରା ବେଢ଼ା ପରିକ୍ରମା କରିଥିଲେ । ଏହାପରେ ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ ହୋଇଥିଲେ । ଏଠାରେ ମହାସ୍ନାନ, ମାଜଣା ଓ ବନକଲାଗି ହୋଇ ନୂଆ ପାଟ ଓ ଶାଢ଼ୀ



ଲାଗି ହୋଇ ମାଳଫୁଲ ଲାଗି ହୋଇଥିଲେ । ଏହାପରେ ଶୀତଳଭୋଗ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଭୋଗ ସରିଲା ପରେ ବନ୍ଦାପନା ହୋଇ ବିମାନକୁ ବିଜେ ପ୍ରତିମାମାନେ ବିଜେ ହୋଇଥିଲେ । ବିମାନରେ ଶ୍ରୀମନ୍ଦିରର ଭିତର ବେଢ଼ାକୁ ୭ ଘେରା ବେଢ଼ା କରିସାରିଲା ପରେ ଦୋଳବେଦୀକୁ ବିଜେ ହୋଇଥିଲେ । ଦୋଳବେଦୀ ଘରିପଟେ ୭ଥର ବେଢ଼ା ହୋଇ ରୁନ୍ଧା ଫିଟିଲା ପରେ ବେଦୀ ଉପରେ ମହାଜନଙ୍କ ହାତରେ ୭ଥର ବେଢ଼ା ବୁଲି ଦୋଳିରେ ବିଜେ କରିଥିଲେ । ସେଠାରେ ସର୍ବସାଧାରଣ ଦର୍ଶନ ସରିଲା ପରେ ମହାସ୍ନାନ ବଢ଼ି ବେଶ ହୋଇଥିଲେ । ପରେ ପାଣିପଡ଼ି କ୍ରମାନ୍ୱୟରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସକାଳଧୂପ, ମଧାହ୍ନଧୂପ ଓ ସନ୍ଧ୍ୟାଧୂପ ଷୋଡ଼ଶୋପଚାରରେ ସମାପନ ହୋଇଥିଲା । ଏହାପରେ ଦୋଳିରୁ ଓହ୍ଲାଇ ନିଉଛାଳି ପରେ ପୁନର୍ବାର ବେଦୀର ସିଂହାସନ ଘରିପଟେ ୭ ଘେରା, ସିଂହାସନ ତଳ ମଣ୍ଡପରେ ୭ ଘେରା, ବିମାନକୁ ଆସି ବିମାନରେ ବେଦୀ ଘରିପଟେ ୭ ଘେରା ପରିକ୍ରମା କଲାପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ମନ୍ଦିର ମଧ୍ୟରେ ୭ ଘେରା ପରିକ୍ରମା କଲାପରେ ବିମାନ ସରସ୍ୱତୀଙ୍କ ମନ୍ଦିର ନିକଟରେ ରହିଥିଲା । ସେଠାରେ ଶୀତଳଭୋଗ, ବନ୍ଦାପନା ହେବାପରେ ବିମାନ ୭ ପାହାଚ ଦେଇ ଭିତର କାଠ ପାଖକୁ ଆସିବା ପରେ ବନ୍ଦାପନା ଓ ଜଳଲାଗି ହୋଇ ଦକ୍ଷିଣ ଘରକୁ ଶ୍ରୀଦୋଳଗୋବିନ୍ଦ ଏବଂ ଶ୍ରୀଦେବୀ, ଭୂଦେବୀ, ରତ୍ନସିଂହାସନକୁ ବିଜେ ହୋଇଥିଲେ । ଏହି ଦିନ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ ବା ରାଜାବେଶ' ଅନୁଷ୍ଠିତ ହୋଇଥିଲା । ସିଂହାସନ ଘରିପଟେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ୭ଥର ବେଢ଼ା ପରିକ୍ରମା କରି ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ କରିବା ପରେ ଶ୍ରୀବିଗ୍ରହମାନଙ୍କର ମଇଲମ ହୋଇ ରାଜବେଶ ହୋଇଥିଲା । ତତ୍ପରେ ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଓ ସକାଳଧୂପ ଏବଂ ଭୋଗମଣ୍ଡପ ନୀତି ଶେଷ ହୋଇଥିଲା । ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଭକ୍ତମାନେ ଦୋଳବେଦୀରେ ବିଜେ ପ୍ରତିମାମାନଙ୍କୁ ଦର୍ଶନ କରିବାସହ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କର ମହାର୍ଘ ସୁନାବେଶ ଦର୍ଶନ କରିଥିଲେ ।


## ଶ୍ରୀମନ୍ଦିରରେ ହୋଲି ଉତ୍ସବ :

ତା ୮.୩.୨୩ରିଖ ବୁଧବାର ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ହୋଲି ଉତ୍ସବ ନିମନ୍ତେ ମଧାହ୍ନ ଧୂପ ବେଶରେ ତିନି ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧାହ୍ନ ଧୂପ ସରି ପାଣିପଡ଼ିଲା ପରେ ଦକ୍ଷିଣ ଘର ଭୋଗ ସରିଥିଲା ଓ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ପୂଜାପଣ୍ଡା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଜ୍ଞାମାଳ ଦେଲା ପରେ ମହାଜନମାନେ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇ ରୁନ୍ଧା ସରିଲା ପରେ ମାଳଫୁଲ ଲାଗି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବିମାନବଡୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିଥିଲେ । ସେଠାରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଶୀତଳଭୋଗ କରିଥିଲେ । ଭୋଗ ପରେ ମୁଦିରସ୍ତ ବନ୍ଦାପନା କରି ଘମର, ଆଲଟ କରିଥିଲେ । ଏଠାରେ ସମସ୍ତ ନୀତି ସରିବା ପରେ ଦିଅଁମାନେ ବିଜେ ହୋଇ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବିଜେ ହୋଇଥିଲେ ।

# ମନ୍ଦିରର ଶିଳ୍ପକଳା

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

**୧୧. ନୃସିଂହ ମନ୍ଦିର :** ମୁକ୍ତି ମଣ୍ଡପର ପାର୍ଶ୍ୱଦେଶରେ ପୂର୍ବାଭିମୁଖ ହୋଇ ନୃସିଂହଙ୍କ ମନ୍ଦିର ଅବସ୍ଥିତ । ଏହାଙ୍କୁ ଯଜ୍ଞ ନୃସିଂହ, ମୁକ୍ତ ନୃସିଂହ ପ୍ରଭୃତି କୁହାଯାଏ । ଏହି ମନ୍ଦିରର ସୂକ୍ଷ୍ମ ଶିଳ୍ପକଳା ଓଡ଼ିଶାର ସ୍ଥାପତ୍ୟ କଳାର ଏକ ଉତ୍କୃଷ୍ଟ ନିଦର୍ଶନ । ତ୍ରିବିକ୍ରମ, ଅନନ୍ତ ବାସୁଦେବ ଓ ବରାହ ଏହି ମନ୍ଦିରରେ ପାର୍ଶ୍ୱଦେବତା ରୂପରେ ରହିଛନ୍ତି ଓ ମନ୍ଦିର ଦେହରେ ଦଶ ଅବତାର, ଲକ୍ଷ୍ମୀ ନାରାୟଣ ଓ ଅଷ୍ଟ ଦିକପାଳଙ୍କ ମୂର୍ତ୍ତି ସମେତ ବହୁ ଭାସ୍କର୍ଯ୍ୟ ରହିଛି । ମୁଖ୍ୟ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଏହି ମନ୍ଦିର ନିର୍ମାଣ କରା ଯାଇଥିବା ଓ ଦେବତାଙ୍କୁ ପ୍ରତିଷ୍ଠା କରାଯାଇଥିବା ବିଶ୍ୱାସ କରାଯାଏ । ଏହି ମନ୍ଦିରର ଜୀର୍ଣ୍ଣ ସଂସ୍କାର କରାଯିବା ପରେ ଗଙ୍ଗବଂଶୀୟ ରାଜାମାନଙ୍କର ଅନେକ ଶିଳାଲିପି ଏହି ମନ୍ଦିର ମଧ୍ୟରେ ଥିବାର ଆବିଷ୍କାର କରାଯାଇଛି ଓ ତହିଁରେ ଜଗନ୍ନାଥଙ୍କ ସେବା ପୂଜା ଉଦ୍ଦେଶ୍ୟରେ ବିଭିନ୍ନ ଦାନ ସମ୍ପର୍କରେ ଅନେକ ପ୍ରାଚୀନ ତଥ୍ୟ ରହିଛି ।



**୧୨. ରୋହିଣୀ କୁଣ୍ଡ :** ଏହି ତୀର୍ଥଟି ଶ୍ରୀମନ୍ଦିରରେ ବିମଳା ଦେବୀଙ୍କ ନିକଟରେ ଅବସ୍ଥିତ । ଉକ୍ତ କୁଣ୍ଡରେ ଗୋଟିଏ ସୁଦର୍ଶନ ଚକ୍ର ଓ ଗୋଟିଏ ଚତୁର୍ଭୁଜ କାକର ମୂର୍ତ୍ତି ଦୃଷ୍ଟି ଗୋଚର ହୁଅନ୍ତି । ସ୍କନ୍ଦପୁରାଣରେ ଲେଖାଅଛି ଯେ ଶ୍ରୀମନ୍ଦିର ନିର୍ମାଣ ପରେ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ଆଣିବାକୁ ଯାଇଥିବା ସମୟ ମଧ୍ୟରେ ଗାଲ ନାମକ ରାଜା ଉକ୍ତ ମନ୍ଦିରରେ ମାଧବଙ୍କୁ ପ୍ରତିଷ୍ଠା କରି ପୂଜା କରୁଥିଲେ । ଇନ୍ଦ୍ରଦ୍ୟୁମ୍ନ ଫେରି ଆସିବା ପରେ ଗାଲ ରାଜା ପୂର୍ବର ସବୁ ଘଟଣା ଜାଣି ଓ ଇନ୍ଦ୍ରଦ୍ୟୁମ୍ନଙ୍କର ପ୍ରତିଷ୍ଠା ସମ୍ଭାର ଦେଖି ମୁଗ୍ଧ ହେଲେ ଓ ତାଙ୍କର ଆନୁଗତ୍ୟ ସ୍ୱୀକାର କଲେ । ଗାଲରାଜାଙ୍କ ମାଧବଙ୍କୁ ଅନ୍ୟ ଏକ ମନ୍ଦିରକୁ ସ୍ଥାନାନ୍ତର କରାଗଲା । ଦେଉଳତୋଳାରେ ଉଲ୍ଲେଖ ଅଛି ଯେ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକକୁ ଯାଇଥିବା ବେଳେ ପୃଥିବୀରେ ବହୁକାଳ ଅନୁପସ୍ଥିତ ରହିବାରୁ ମନ୍ଦିରଟି ବାଲିରେ ପୋତି ହୋଇ ଯାଇଥିଲା ଓ ଗାଲ ରାଜାଙ୍କ ଦୈବାତ୍ ତାହା ଆବିଷ୍କାର କରି ଉଦ୍ଧାର କରିଥିଲେ । ତେଣୁ ଇନ୍ଦ୍ରଦ୍ୟୁମ୍ନ ଫେରିବା ପରେ ସେ ତାଙ୍କ ସହ ଦ୍ୱନ୍ଦ କରିଥିଲେ । ଚତୁର୍ଭୁଜ କାକ ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର କଚ୍ଛପ ଦୁହେଁ ବ୍ରହ୍ମାଙ୍କ ନିକଟରେ ଉକ୍ତ ବିଷୟରେ ସାକ୍ଷ୍ୟ ଦେବାରୁ ଇନ୍ଦ୍ରଦ୍ୟୁମ୍ନ ହିଁ ମନ୍ଦିର ନିର୍ମାଣ କରିଥିବା ପ୍ରମାଣିତ ହେଲା । ତା'ପରେ ଇନ୍ଦ୍ରଦ୍ୟୁମ୍ନ ଗାଲ ରାଜାଙ୍କୁ ଶ୍ରୀମନ୍ଦିର ଓ ଦେବଦେବୀଙ୍କ ସମସ୍ତ ଦାୟିତ୍ୱ ଅର୍ପଣ କରିଥିଲେ । ଗାଲଙ୍କ ପ୍ରତିଷ୍ଠିତ ମାଧବ ବର୍ତ୍ତମାନ ଶ୍ରୀଜଗନ୍ନାଥଙ୍କ ପାଖରେ ପୂଜା ପାଉଥିବା ମାଧବ ମୂର୍ତ୍ତି ବୋଲି କେତେକ ଲୋକ ପ୍ରକାଶ କରନ୍ତି । ପ୍ରାୟ ସମସ୍ତ ପୁରାଣରେ ବର୍ଣ୍ଣିତ ହୋଇଛି ଯେ ଗୋଟିଏ କାଉ ତୃଷାର୍ତ୍ତ ହୋଇ ଏହି କୁଣ୍ଡରେ ଜଳ ପିଇ ଓ ତହିଁରେ ବୁଡ଼ି ଚତୁର୍ଭୁଜ ରୂପ ଧାରଣ କରିଥିଲା ଓ ବିଷ୍ଣୁଙ୍କର ସାଲୋକ୍ୟ ଲାଭ କରିଥିଲା । ଓଡ଼ିଆ ହରିବଂଶରେ ଉଲ୍ଲେଖ ଅଛି ଯେ ଏହି ରୋହିଣୀ କୁଣ୍ଡର ଜଳଦ୍ୱାରା ବସୁ ଶବର ପ୍ରଥମେ ନୀଳମାଧବଙ୍କୁ ପୂଜା କରୁଥିଲା । ଏହିସବୁ କାରଣରୁ ଉକ୍ତ କୁଣ୍ଡର ଜଳକୁ ଅତି ପବିତ୍ର ମନେ କରାଯାଏ ।

**୧୩. ନୃତ୍ୟ ଗଣପତି ମନ୍ଦିର :** ରୋହିଣୀକୁଣ୍ଡ ପଛପାଖେ ଦକ୍ଷିଣମୁଖ ହୋଇ ଗୋଟିଏ ଗଣେଶ ମନ୍ଦିର ଅଛି । ଏହାଙ୍କୁ କାଞ୍ଚି ଗଣେଶ ମଧ୍ୟ କୁହାଯାଏ । ଏହି ମନ୍ଦିରରେ ଅଷ୍ଟଭୁଜ ଗଣେଶ ମୂଷିକ ଉପରେ ନୃତ୍ୟରତ ଭଙ୍ଗୀରେ ରହିଛନ୍ତି । ମନ୍ଦିରର ଶିଳ୍ପକଳା ଅତି ପ୍ରାଚୀନ, ପ୍ରାୟ ଏକାଦଶ ଶତାବ୍ଦୀର ପରି ଜଣାଯାଏ ।

**୧୪. ବିମଳା ଦେବୀ ମନ୍ଦିର :** ବିମଳା ଦେବୀଙ୍କର ମନ୍ଦିରଟି ଭିତର ବେଢ଼ାର ଦକ୍ଷିଣ-ପଶ୍ଚିମ ଅଂଶରେ ପୂର୍ବାଭିମୁଖ ହୋଇ ଅବସ୍ଥିତ ହୋଇଛି । ଏହା ଏକ ବୃହଦାକାର ପ୍ରଶସ୍ତ ମନ୍ଦିର ଓ ରେଖ ଦେଉଳ, ପୀଢ଼ ମୁଖଶାଳା ତଥା ଜଗମୋହନକୁ ନେଇ ଗଠିତ । ରୋହିଣୀ କୁଣ୍ଡ ନିକଟରେ ଦେବୀଙ୍କ ବାହନ ସିଂହର ମୂର୍ତ୍ତି ଅଛି । ମନ୍ଦିରର ଶିଳ୍ପକଳା ଦୃଷ୍ଟିରୁ ଏହା ଗଙ୍ଗବଂଶୀୟ କୃତିପରି ଜଣାଯାଏ । ପାର୍ଶ୍ୱଦେବୀ ରୂପରେ ମହିଷାମର୍ଦ୍ଦିନୀ ଦୁର୍ଗା ଓ ଚାମୁଣ୍ଡା ରହିଛନ୍ତି । ବିମଳା ଚତୁର୍ଭୁଜା, ହସ୍ତରେ ଅକ୍ଷମାଳା, ଅମୃତକଳସ, ନାଗକନ୍ୟା ତଥା ଅଭୟ ବରମୁଦ୍ରା ଧାରଣ କରିଛନ୍ତି । ମନ୍ଦିରର ଦୁଇ ପାର୍ଶ୍ୱରେ ଛାୟା ଓ ମାୟାଙ୍କର ମୂର୍ତ୍ତି ଅଛି । ଜଗମୋହନରେ ଦେବୀଙ୍କର ବହୁ ସ୍ୱରୂପର ଚିତ୍ର ଅଛି ।

ଦକ୍ଷଯଜ୍ଞ ପରେ ସତୀଙ୍କ ଶବକୁ ଘେନି ଶିବ ବୁଲିଲାବେଳେ ତାଙ୍କର ପାଦଦେଶ ଏଠାରେ ପତିତ ହୋଇଥିବାର କୁହାଯାଏ । ତେଣୁ ବିମଳା ଆଦିଶକ୍ତିଙ୍କ ସ୍ୱରୂପ । କଥିତ ଅଛି ଯେ ମନ୍ଦିର ନିର୍ମାଣ ପରେ ବହୁ ଦିନ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ସେହି ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ହୋଇ ନଥିଲେ । ସେହି ସମୟ ବ୍ୟବଧାନରେ ବିମଳା ମନ୍ଦିରର ଅଧିକାରିଣୀ ହୋଇଗଲେ । ତେଣୁ ଜଗନ୍ନାଥ ବିମଳାଙ୍କୁ ମନ୍ଦିରରେ ପ୍ରବେଶ କରିବା ପାଇଁ ଅନୁମତି ମାଗିଥିଲେ । ବିମଳା ତାଙ୍କୁ ଏହି ସର୍ତ୍ତରେ ଅନୁମତି ଦେଇଥିଲେ ଯେ ପ୍ରତ୍ୟେକ ପୂଜାର ନୈବେଦ୍ୟ ବଳଭଦ୍ର ଓ ଜଗନ୍ନାଥଙ୍କୁ ଅର୍ପଣ ହେବା ପରେ ବିମଳାଙ୍କୁ ଅର୍ପଣ କରାଯିବ । ଏହି ସର୍ତ୍ତ ଅନୁସାରେ ସେହି ଦିନଠାରୁ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ସମସ୍ତ ଭୋଗ ବିମଳାଙ୍କୁ ମଧ୍ୟ ଅର୍ପିତ ହେଉଅଛି ।


ଆଶ୍ୱିନ ମାସରେ ଏହି ଦେବୀଙ୍କର ଶାରଦୀୟା ପୂଜା ଷୋଳ ଦିନ ପର୍ଯ୍ୟନ୍ତ ହୁଏ । ଏହି ସମୟରେ ଦେବୀ ବିମଳା ବିଭିନ୍ନ ପ୍ରକାର ବେଶ ହୁଅନ୍ତି । ଶ୍ରୀମନ୍ଦିରର ଦୁର୍ଗାମାଧବ ବିମଳା ଦେବୀଙ୍କ ଜଗମୋହନରେ ଆଠଦିନ ବିଜେ ହୁଅନ୍ତି ଓ ତାଙ୍କର ସ୍ୱତନ୍ତ୍ର ଭୋଗ ହୁଏ । ତିନିଦିନ ପାଇଁ ବିମଳାଙ୍କର ସ୍ୱତନ୍ତ୍ର ଅନ୍ନ ଭୋଗ ରନ୍ଧା ହୋଇ ପୂଜା ହୋଇଥାଏ । ତାନ୍ତ୍ରିକ ସାଧକମାନେ ନିଜ ନିଜ ଇଷ୍ଟଦେବୀଙ୍କ ଧ୍ୟାନ, ଜପ ପ୍ରଭୃତି କର୍ମ ଏହି ଦେବୀଙ୍କ ଜଗମୋହନରେ କରିଥାନ୍ତି ।

**୧୫. ସାକ୍ଷୀଗୋପାଳ ମନ୍ଦିର :** ବିମଳା ଦେବୀଙ୍କ ମନ୍ଦିର ନିକଟରେ ବେଣୁମାଧବ ମନ୍ଦିର, ତାହା ନିକଟରେ ଯୋଗେଶ୍ୱର ମନ୍ଦିର । ସେହି ଯୋଗେଶ୍ୱର ମନ୍ଦିର ନିକଟରେ ପୂର୍ବମୁଖର ଗୋଟିଏ ମନ୍ଦିରରେ ଏକ ରାଧାକୃଷ୍ଣଙ୍କ ମନ୍ଦିର ଅଛି, ତାହାକୁ ସାକ୍ଷୀଗୋପାଳ ମନ୍ଦିର କୁହାଯାଏ । ଗଜପତି ପୁରୁଷୋତ୍ତମ ଦେବ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ସହାୟତାରେ କାଞ୍ଚି ରାଜାଙ୍କ ସହିତ ଯୁଦ୍ଧ କରି ବିଜୟ ଲାଭ କରିଥିଲେ ଏବଂ କାଞ୍ଚି ରାଜ୍ୟରୁ ଫେରିବା ସମୟରେ ରାଜଜେମା ପଦ୍ମାବତୀଙ୍କ ସହିତ ସାକ୍ଷୀଗୋପାଳ ବିଗ୍ରହଙ୍କୁ ସାଙ୍ଗରେ ନେଇ ଆସିଥିଲେ । ବର୍ତ୍ତମାନ ଏହି ମୂର୍ତ୍ତି ସାକ୍ଷୀଗୋପାଳ ଠାରେ ପୂଜିତ ହେଉଛନ୍ତି ଓ ତାଙ୍କ ଅନୁରୂପେ ଏକ ମୂର୍ତ୍ତି ଏହି ମନ୍ଦିରରେ ପ୍ରତିଷ୍ଠିତ ହୋଇଛନ୍ତି । ପରବର୍ତ୍ତୀ ସମୟରେ ତାହାଙ୍କ ନିକଟରେ ରାଧାଙ୍କର ମୂର୍ତ୍ତି ସ୍ଥାପିତ ହୋଇଅଛି ।


(କ୍ରମଶଃ...)


# ଶ୍ରୀମନ୍ଦିରରେ ଦୋଳ ଉତ୍ସବ...













# ଫଟୋରେ ଖବର...



ତା ୧.୩.୨୩ରେ ଓଡ଼ିଶାର ନୂତନ ମୁଖ୍ୟ ଶାସନ ସଚିବ
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା ସସ୍ତ୍ରୀକ ଶ୍ରୀମନ୍ଦିର ପରିଚାଳନା କମିଟି
ସଦସ୍ୟମାନଙ୍କ ଗହଣରେ ଶ୍ରୀଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୪.୩.୨୩ରେ ଉଚ୍ଚତମ ନ୍ୟାୟାଳୟର ମାନ୍ୟବର
ବିଚାରପତି ସୁଶ୍ରୀ ବି.ଭି.ନାଗରତ୍ନା ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ
ଦର୍ଶନ ସାରି ଫେରୁଅଛନ୍ତି




ତା ୧୩.୩.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ
ଆହୂତ 'ଆଦର୍ଶ ଗୁରୁକୂଳମ୍ ସମ୍ପର୍କିତ ସ୍ୱତନ୍ତ୍ର ପରିଚାଳନା କମିଟି'
ବୈଠକ




ତା ୨୦.୩.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ
ଅଧ୍ୟକ୍ଷତାରେ ଆହୂତ 'ଅର୍ଥ ସବ୍-କମିଟି' ବୈଠକ



ତା ୨୨.୩.୨୩ରେ ଶ୍ରୀମନ୍ଦିରକୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ପଶ୍ଚିମବଙ୍ଗର ମାନ୍ୟବର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବନାର୍ଜୀ
ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଗହଣରେ

## (୩) ୧୮୬୯ ମସିହା ପୁରୀ ରଥଯାତ୍ରା
### (ଭାଗ-୪-ସଂଖ୍ୟା ୩୫ - ତା ୨୮ ରିଖ, ଅଗଷ୍ଟ)

ପୁରୀରୁ ଜଣେ ପତ୍ର ପ୍ରେରକ ଲେଖିଅଛନ୍ତି, ବହୁକାଳର ପ୍ରଥା ଚଳିଆସୁଥିଲା । ଯେ ଚକ୍ରବୁଲା ଏକାଦଶୀ ଦିନ ସୁଦର୍ଶନ ଚକ୍ର ଏ ପୁରୀ ସହର ବିବାକ ସାଇ ଓ ଗଳୀ ଇତ୍ୟାଦି ଭ୍ରମଣ କରି ମନ୍ଦିରକୁ ଯାଆନ୍ତି । ଏ ବରଷ ବାହୁଡ଼ା ଦୁର୍ଘଟନା ହେତୁରୁ ଓ ମନ୍ଦିର ସୁପରିଣ୍ଟେଣ୍ଡେଣ୍ଟଙ୍କ ଅମନଯୋଗ ଅର୍ଥାତ୍ ରଥ ଟାଣିବା ନିମନ୍ତେ କୁଲି ଓଗେର ନ ଆସିବାରୁ ଆଜି ଚକ୍ରବୁଲା ଏକାଦଶୀ ଥିବା ପ୍ରଯୁକ୍ତ ବଳଦେବ ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାରେ ଓ ଶ୍ରୀଜଗନ୍ନାଥଙ୍କ ରଥ ଷ୍ଟେସନ ଦ୍ୱାରେ ଅଛନ୍ତି । ରଥରୁ ମହାପ୍ରଭୁଙ୍କ ପହଣ୍ଡି ମନ୍ଦିରକୁ ନହେବାରୁ ଚକ୍ର ଭ୍ରମଣ କରି..

## (୪) ୧୮୭୦ ମସିହା ପୁରୀ ରଥଯାତ୍ରା
### (ଭାଗ-୫-ସଂଖ୍ୟା ୨୭ - ତା ୨ ରିଖ, ଜୁଲାଇ)

ଆମ୍ଭେମାନେ ପୁରୀର ସମ୍ବାଦ ପାଇ ଅଛୁଁ ଯେ ଏ ବର୍ଷ ରଥଯାତ୍ରା ଉପଲକ୍ଷେ ବିସ୍ତର ଯାତ୍ରୀ ହୋଇନାହାନ୍ତି । ରଥଯାତ୍ରା ପୂର୍ବଦିନ ପର୍ଯ୍ୟନ୍ତ ପ୍ରାୟ ୧୫୦୦ ଯାତ୍ରୀ ଉପସ୍ଥିତ ହୋଇଥିଲେ । ଏ ପଛେ କେତେଲୋକ ଯାଇଅଛନ୍ତି ଅନୁମାନ ହୁଅଇ । ସର୍ବସୁଦ୍ଧା ୨୦୦୦୦ ଯାତ୍ରିରୁ ଅଧିକ ହେବନାହିଁ । ଦୋଳଯାତ୍ରାକୁ ମଧ ଏଥିରୁ ଅଧିକ ଯାତ୍ରୀ ହୋଇଥାନ୍ତି । ଏମାନଙ୍କ ମଧରେ ବଙ୍ଗାଳି ଯାତ୍ରୀ ସଂଖ୍ୟା ଅଧିକ ଓ ପୁରଷାପେକ୍ଷା ସ୍ତ୍ରୀ ସଂଖ୍ୟା ପ୍ରାୟ ପାଞ୍ଚଗୁଣ ଅଧିକ ହେବ । ବଙ୍ଗଳାର ସ୍ତ୍ରୀ ଯାତ୍ରୀ ସର୍ବଦା ଅଧିକ ଆସନ୍ତି । ରଥଯାତ୍ରା ସମୟରେ ଗୋଲମାଲ ନିବାରଣ ନିମିତ୍ତ ୬୦ ଜଣ ଠିକା ପିଆଦା ନିଯୁକ୍ତ ହୋଇଅଛନ୍ତି । ଯାତ୍ରୀକାର୍ଯ୍ୟ କିରପ ଶୃଙ୍ଖଳାରେ ହେବ ଏ ପଛେ ପାଠକଙ୍କୁ ଜଣାଇବୁ ।

କୌଣସି ରୋଗର ଭୟଙ୍କର ପ୍ରଭାବ ଥିବାର ଜଣାଯାଇନାହିଁ । ମାତ୍ର ଶୁଣୁଅଛୁଁ କି ମନ୍ଦିରରେ ଭୋଗ ପ୍ରସ୍ତୁତ କରିବାରେ ଯେଉଁ ଘୃତ ବ୍ୟବହାର ହୁଅଇ ତାହା ଅତି ମନ୍ଦ ଓ ପଚା ଏ ହେତୁର ରୋଗ ବଢ଼ିପାରେ ।

## (୫) ୧୮୭୦ ମସିହା ପୁରୀ ରଥଯାତ୍ରା
### (ଭାଗ-୫-ସଂଖ୍ୟା ୨୮ - ତା ୯ ରିଖ, ଜୁଲାଇ)

ଏ ଯାତ୍ରା ରୀତିମତ ଶେଷ ହୋଇଅଛି । ଯାତ୍ରିଙ୍କ ସଂଖ୍ୟା ପଣ୍ଡାଙ୍କ ଗଣନାନୁସାରେ ବିଦେଶୀୟ ଯାତ୍ରୀ ପ୍ରାୟ ୨୫ ହଜାର ଏବଂ ଦେଶୀୟ ପ୍ରାୟ ୧୦ ହଜାର ଏ ରୂପ ସର୍ବସୁଦ୍ଧା ୩୫ ହଜାର ଲୋକରୁ ଅଧିକ ନୁହନ୍ତି । ପୂର୍ବବର୍ଷମାନଙ୍କର ଯାତ୍ରୀସଂଖ୍ୟା ସଙ୍ଗେ ତୁଳକଲେ ଅତ୍ୟନ୍ତ ଅଳ୍ପ ଜଣାଯାଏ ମାତ୍ର ସେଥିରେ ଓଲାଉଠା ରୋଗର ପ୍ରାଦୁର୍ଭାବ ଊଣା ହୋଇନାହିଁ । ପୁରୀ ହାସପାତାଲରେ ପ୍ରାୟ ୩୦୦ ଜଣ ରୋଗୀ ଥିଲେ ଓ ବାଟରେ ମଧ ଅନେକ ଯାତ୍ରୀ ରୋଗଗ୍ରସ୍ତ ହେବାର ଦେଖାଯାଉଅଛି ।

ରଥଯାତ୍ରା କାର୍ଯ୍ୟ ଉତ୍ତମ ରୂପେ ନିର୍ବାହ ହେଲା । ଅତି ସବର ଓ ନିର୍ବିଘ୍ନରେ ରଥମାନ ଗୁଣ୍ଡିଚ୍ଛ ମଣ୍ଡପଠାରେ ପହୁଞ୍ଚିଲେ ଏଥିରେ କୌଣସି ବ୍ୟାଘାତ ଜନ୍ମିନାହିଁ । ବୃଷ୍ଟି ଊଣା ଥିବାର ଦାଣ୍ଡ ଶୁଖିଲା ଥିଲା ସୁତରାଂ ରଥ ଚାଳିବାରେ କଷ୍ଟ ହେଲା ନାହିଁ । ତଥାପି ଯେ କୌଣସି ଦୁର୍ଘଟଣା ଘଟିନାହିଁ ଏମନ୍ତ ନୁହେଁ ଯେତେ ରଥ ପାଖରେ କିଛି ନହେଲା ମାତ୍ର ରଥଯାତ୍ରାକୁ ଆସି କେତେଲୋକ ସମୁଦ୍ରରେ ପ୍ରାଣ ହରାଇଲେ ତହିଁର ବୃତ୍ତାନ୍ତ ଆମ୍ଭମାନଙ୍କର ସମ୍ବାଦଦାତା ଏହି ରପ ବର୍ଣ୍ଣନା କରିଅଛନ୍ତି ଯଥା- କଲିକତାର କତିପୟ ଭଦ୍ରଲୋକ ଖଣ୍ଡେ ଷ୍ଟିମର ଭଡ଼ା କରି ଦର୍ଶନକୁ ଆସିଥିଲେ । ଗତକାଲି ସେମାନଙ୍କର ଯିବାର କଥା ଥିଲା ଏହେତୁର ତାହାଙ୍କର ଦରଓ୍ୱାନ ପ୍ରଭୃତି କତିପୟ ପଶ୍ଚିମା ସସ୍ତ୍ରୀକ ହୋଇ ଜାହାଜକୁ ଯିବେ ବୋଲି ପୋଢ୍ଡୁଅରେ ବସି ବାହାରିଲେ । କିନ୍ତୁ ୬ ମେଳା ପାର ହେବା ପରେ ନୌକା ଭାଙ୍ଗିଗଲା ଓ ଲୋକେ ନ ମରି ପାଣି ପେଟେ ପେଟେ ପିଇ କୂଳରେ ଲାଗିଲେ । ଏ ବିଷୟ ବାବୁଙ୍କୁ ଖବର ହେଲା ଓ ସାହେବମାନେ ସମୁଦ୍ରତଟକୁ ଯାଇ ଦେଖିବାକୁ ଲାଗିଲେ । ଜାହାଜର କପ୍ତାନ ଅନ୍ୟଲୋକ ଅଧିକା ନେଇ ଯିବାର ମନରେ ସ୍ଥିର କରି କଲିକତାର ଭାଗ୍ୟବନ୍ତ ତେଲି ଜଣକେତେ ନେଇ ଜାହାଜ ଯିବା ପୂର୍ବରୁ ନେଇ ବସାଇବାକୁ ଗଲା । ଗତକାଲି ମଧାହ୍ନ ବାରବେଳା ସମୟରେ ୧୪ଜଣ ତେଲି ତାଙ୍କ ପରିବାର ପ୍ରଭୃତି ଡ଼ଙ୍ଗାରେ ବସି ଜାହାଜକୁ ଯିବାକୁ ବସିଲେ । ସେ ସମୟରେ ସିନ୍ଧୁଗରମ ଥିବାର ଲୋଳିଆ ନିଷେଧ କଲେ । କିନ୍ତୁ କାପ୍ତାନ ତାଙ୍କୁ ଦୋପଟ ବାମ ଟ୪ଙ୍କା ଦେବାକୁ କହିବାରୁ ସେମାନେ ବାଛିହୋଇ ବଳବନ୍ତ ଲୋକେ ପୋଢ୍ଡୁଅ ଘେନି ଗଲେ । କୂଳରୁ ବଡ଼ ଆପଦ ପାର ହୋଇଗଲେ । ନୌକା ନବୁଡ଼ିଲେ କଣ ହେଲା ଝଟିକାର ବଳ ଏପରି ହେଲା ଯେ ଜାହାଜ ପ୍ରାୟ ୪୦୦ହାତ ଅନ୍ତର ଅଛି ଏ ସମୟରେ ନୌକାର ପଟାସବୁ ଫିଟିଗଲା ଓ ମନୁଷ୍ୟମାନେ ଜଳମଗ୍ନ ହେଲେ । ତେଲି ଓ ତାହା ସ୍ତ୍ରୀ ଓ ଆଉଜଣେ ଏପରି ତିନିଜଣ ବଞ୍ଚିଲେ ୫ଜଣ ମୁରଦାର ପ୍ରାପ୍ତ ହେଲେ ଆଉ ମିଳିଲେଣି କି ନା ଜଣା ହୋଇନାହିଁ । ସ୍ଥଳପଥରେ ଆସି ଜଳପଥରେ ଯିବାକୁ ମାନସ କରିଥିଲେ । ଗୋଟିଏ ଜଡ଼ା ଲାଗି ସବୁ ବୁଡ଼ିମଲେ ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

## ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପାରାୟଣ ଓ ପ୍ରବଚନ ବିଧି :
### ପାଞ୍ଚରାତ୍ର ପ୍ରସଙ୍ଗ ସୂଚନା :

ଆଦୌ ବିଦ୍ୟାପତେର୍ନୀଳମାଧବସ୍ୟାବଲୋକନମ୍ ।
ଶ୍ରୀକ୍ଷେତ୍ରାଗମନଂ ଚେନ୍ଦ୍ରଦ୍ୟୁମ୍ନସ୍ୟ ଦ୍ୱିତୀୟେଽହନି ॥

ତୃତୀୟେ ଦିବସେ କୁର୍ଯ୍ୟାଦ୍ଦାରୁବ୍ରହ୍ମପ୍ରକାଶନମ୍ ।
ଚତୁର୍ଥେ ବାସରେ ନୂନଂ ସ୍ୟାନ୍ନୀଳାଦ୍ରିମହୋଦୟଃ ॥

ପାରାୟଣସ୍ୟ ପୂର୍ଣ୍ଣତ୍ୱଂ କଥାୟାଷ୍ଟ ତୁ ପଞ୍ଚମେ ।
ଏଷ ସ୍କନ୍ଦପୁରାଣୋକ୍ତଃ ପାଞ୍ଚରାତ୍ରକଥାକ୍ରମଃ ॥

ଶ୍ରୀଦାରୁବ୍ରହ୍ମଣଃ ପୁଣ୍ୟଃ ପାଞ୍ଚରାତ୍ରକଥୋତ୍ସବଃ ।
ପଞ୍ଚଭିର୍ଦ୍ଦିବସୈର୍ନୂନଂ ସଂପୂର୍ଣ୍ଣଃ ସ୍ୟାଦ୍ ଯଥାବିଧି ॥

ପାଞ୍ଚରାତ୍ରକଥାସତ୍ରଂ ଶ୍ରଦ୍ଧାନ୍ୱିତଃ କରୋତି ଯଃ ।
କୃପୟା ଜଗଦୀଶସ୍ୟ ପୂର୍ଣ୍ଣକାମଃ ପରଂ ବ୍ରଜେତ୍ ॥

ସ୍କନ୍ଦପୁରାଣ ବୈଷ୍ଣବଖଣ୍ଡ — ଶ୍ରୀପୁରୁଷୋତ୍ତମକ୍ଷେତ୍ରମାହାତ୍ମ୍ୟମ୍
(୬୦ ଅଧ୍ୟାୟ ୩୮୬୩ ଶ୍ଳୋକ)

## ପ୍ରଥମ ଦିବସ
### ପାରାୟଣ
### ଶ୍ରୀକ୍ଷେତ୍ରମାହାତ୍ମ୍ୟ ଓ ଶ୍ରୀନୀଳମାଧବ ଦର୍ଶନ

| ଅଧ୍ୟାୟ | ବିଷୟ | ଶ୍ଳୋକ ସଂଖ୍ୟା |
|---|---|---|
| ୧. | ଶ୍ରୀପୁରୁଷୋତ୍ତମକ୍ଷେତ୍ରର ପ୍ରାଚୀନତା ଏବଂ ମାହାତ୍ମ୍ୟ | ୪୫ |
| ୨. | କାକ ମୁକ୍ତି | ୪୯ |
| ୩. | ମାର୍କଣ୍ଡେୟ-ଜୈମିନୀ ସମ୍ବାଦ | ୫୦ |
| ୪. | ଯମ-ଲକ୍ଷ୍ମୀ ସମ୍ବାଦ ଓ ଶ୍ରୀକ୍ଷେତ୍ର ପରିକ୍ରମା | ୧୧୧ |
| ୫. | ପୁଣ୍ଡରୀକ ଓ ଅମ୍ବରୀଷଙ୍କ ଶ୍ରୀଜଗନ୍ନାଥ ଦର୍ଶନ | ୭୭ |
| ୬. | ଉତ୍କଳର ଉତ୍କର୍ଷ ବର୍ଣ୍ଣନା | ୨୮ |
| ୭. | ଇନ୍ଦ୍ରଦ୍ୟୁମ୍ନଙ୍କ ପରିଚୟ | ୯୮ |
| ୮. | ବିଶ୍ୱାବସୁ ଓ ବିଦ୍ୟାପତିଙ୍କ ମିଳନ ଏବଂ ନୀଳମାଧବ ଦର୍ଶନ | ୮୩ |
| | | ମୋଟ ୫୪୧ ଶ୍ଳୋକ |

### ପ୍ରବଚନ

ମୁଖ୍ୟ ପ୍ରସଙ୍ଗ : ଶ୍ରୀକ୍ଷେତ୍ର ମାହାତ୍ମ୍ୟ, ବ୍ରହ୍ମାଙ୍କ ଆଗମନ, କାକମୁକ୍ତି, ଯମ-ଲକ୍ଷ୍ମୀ ସଂବାଦ, ଇନ୍ଦ୍ରଦ୍ୟୁମ୍ନ- ଜଟିଳ ସଂବାଦ, ବିଶ୍ୱାବସୁ-ବିଦ୍ୟାପତି ସଂବାଦ, ଶ୍ରୀନୀଳମାଧବ ଦର୍ଶନ, ବିଦ୍ୟାପତିଙ୍କ ପ୍ରତ୍ୟାବର୍ତ୍ତନ ।

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ
ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୩) ଶ୍ରୀଦେବୀ ଓ ଭୂଦେବୀ

**ହେରାପଞ୍ଚମୀ-** ଅଖିଳ ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରାମାନଙ୍କ ମଧ୍ୟରୁ ଶ୍ରୀଗୁଣ୍ଡିଚାଯାତ୍ରା ଅନ୍ୟତମ । ଏହି ଯାତ୍ରାର ପଞ୍ଚମ ଦିବସରେ ଆଷାଢ଼ ଶୁକ୍ଳ ଷଷ୍ଠୀ ତିଥିରେ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥାଏ । ଏହିଦିନ ଶ୍ରୀଦେବୀଙ୍କୁ ମାଜଣା କରାଯାଏ । ମାଜଣା ବଢ଼ି ବନକ ଲାଗି ସରିଲେ ଶ୍ରୀଦେବୀ ପାଟ ପିନ୍ଧି ଅଳଂକାରରେ ବିଭୂଷିତ ହୁଅନ୍ତି । ଏହାପରେ ପନ୍ତି ଭୋଗ ହୁଏ । ଭୋଗ ବଢ଼ିବା ପରେ ଶ୍ରୀଦେବୀ ହାତରେ ବିଜେ ହୋଇ ବଟବୃକ୍ଷ ମୂଳରେ ରଖା ଯାଇଥିବା ବିମାନରେ ବସନ୍ତି । ଘଣ୍ଟ ଛତା କାହାଳୀ ଓ ବାଦ୍ୟ ସହିତ ଆଡ଼ମ୍ବର ସହକାରେ ବିମାନକୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ବାଟେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟକୁ ନିଆଯାଏ । ସେଠାରେ ପତିମହାପାତ୍ର ସେବକଙ୍କ ଦ୍ୱାରା ଶ୍ରୀଦେବୀଙ୍କ ପାଖରେ ପ୍ରସାଦ ଲାଗି ବନ୍ଦାପନା ଓ ଘମର ଆଳଟ ବିଧି ଅନୁଷ୍ଠିତ ହୋଇଥାଏ । ଏଥି ସହିତ ଘଷା ବିଡ଼ିଆ ଓ ଦହିପତି ମଣୋହି ହୋଇଥାଏ । ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଶ୍ରୀଦେବୀ ରଥପାର୍ଶ୍ୱର ନୀତି ସମାପନ କରି ଜଗମୋହନର ଜୟ ବିଜୟ ଦ୍ୱାର ନିକଟକୁ ଆସିଥାନ୍ତି । ଶ୍ରୀଦେବୀ ବିମାନରେ ଥାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ସମୟରେ ପତିମହାପାତ୍ର ସେବକ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଶ୍ରୀଦେବୀଙ୍କୁ ପ୍ରଦାନ କରନ୍ତି । ଏହାପରେ ପୂଜା ବଢ଼ି ଧୂପ ଦୀପ ଦିଆଯାଇ ଟେରାପଡ଼େ । ଏଥି ଉତ୍ତାରେ ମା'ଙ୍କ ବିମାନ ଜଗମୋହନରୁ ବାହାରି ନାକଚଣା ଦ୍ୱାର ପାଖରେ ରଖାଯାଏ । ସେଠାରେ ଭିତରଛ ମହାପାତ୍ର ସେବକ ହାତୁଆଣି ନେଇ ବନ୍ଦାପନା ଓ ଦହିପତି ମଣୋହି ବଢ଼ାନ୍ତି । ଏସବୁ ନୀତି ବଢ଼ିବା ପରେ ଶ୍ରୀଦେବୀଙ୍କ ବିମାନକୁ ଶ୍ରୀଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଇ ରଥକାଠ ଖଣ୍ଡିଏ ଭାଙ୍ଗି ଦିଆଯିବା ପରେ ହେରାଗୋହିରୀ ସାହି ବାଟ ଦେଇ ଶ୍ରୀମନ୍ଦିରକୁ ନିଆଯାଏ ।



**ଲକ୍ଷ୍ମୀନାରାୟଣ ଭେଟ :** ବାହୁଡ଼ା ଯାତ୍ରା ଦିନ ବଡ଼ଠାକୁର ଓ ଦେବୀ ସୁଭଦ୍ରାଙ୍କ ରଥ ଟଣା ହୋଇ ସିଂହଦ୍ୱାରକୁ ଆସେ । ଶ୍ରୀଜଗନ୍ନାଥଙ୍କ ରଥ ଆସି ରାଜାଙ୍କ ନଅର ଦ୍ୱାରରେ ରହିଲେ ଶ୍ରୀମନ୍ଦିରରୁ ଶ୍ରୀଦେବୀ ପାଟପିନ୍ଧି, ମାଳ ଫୁଲରେ ବେଶ ହୋଇ ସାତପାହାଚ ଦ୍ୱାରକୁ ହାତରେ ବିଜେ ହୋଇ ଆସି ସେଠାରେ ପାଲିଙ୍କିରେ ବିଜେ କଲାପରେ ପାଲିଙ୍କି ଘହାଣି ମଣ୍ଡପକୁ ନିଆଯାଏ । ଘହାଣି ମଣ୍ଡପରେ ଶ୍ରୀଦେବୀ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦେଖି ସେହି ପାଲିଙ୍କିରେ ଘଣ୍ଟ ଛତ୍ର କାହାଳୀ ଆଦି ସହିତ ମହାଡ଼ମ୍ବରରେ ନନ୍ଦିଘୋଷ ରଥ ନିକଟକୁ ବିଜେ କରନ୍ତି । ଠାକୁରାଣୀଙ୍କ ବିଜେ କାଳରେ ପରମ୍ପରା ଅନୁଯାୟୀ ଶ୍ରୀବଳଭଦ୍ରଙ୍କ ରଥ ସମ୍ମୁଖରେ ରଥ ଘେର ପକାଯାଇଥାଏ । ଏହି ସମୟରେ ଗଜପତି ମହାରାଜା ସେଠାରେ ଉପସ୍ଥିତ ଥାଆନ୍ତି । ଦହିପତି ମଣୋହି ପରେ ଗଜପତିଙ୍କ ହସ୍ତରେ ଶ୍ରୀଦେବୀ ବିଜେ ହୋଇ ଶ୍ରୀଜଗନ୍ନାଥଙ୍କ ସହିତ ଭେଟ ହୁଅନ୍ତି । ତା'ପରେ ଥରେ ରଥ ପ୍ରଦକ୍ଷିଣ କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ପରେ ଶ୍ରୀଦେବୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାଆନ୍ତି । ଏହାପରେ ଶ୍ରୀଜଗନ୍ନାଥଙ୍କ ରଥ ସିଂହଦ୍ୱାରକୁ ଆସେ ।

**ଝୁଲଣଯାତ୍ରା :** ଝୁଲଣ ଯାତ୍ରାଦିନମାନଙ୍କରେ ଶ୍ରୀମନ୍ଦିରରେ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ସରିଲା ପରେ ଭିତରେ ପାଣି ପଡ଼ି ଧୋପଖାଳ ହୋଇ ତିନିବାଡ଼ର ମୈଲମ ବଢ଼େ । ଏହାପରେ ତିନିବାଡ଼ରେ ଚନ୍ଦନ ସର୍ବାଙ୍ଗଲାଗି ହେଲା ପରେ ଠାକୁରମାନଙ୍କୁ ବେଶ କରାଯାଇଥାଏ । ଏହି ସମୟରେ ମହାଜନ ସେବକମାନେ ସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣି ଘରେ ଖଟଶେଯ ମେକାପ ପକାଇଥିବା ଶେଯ ଉପରେ ବିଜେ କରାନ୍ତି । ଏହାପରେ ଦକ୍ଷିଣି ଘରୁ ଶ୍ରୀମଦନମୋହନଙ୍କୁ ଆଣି ଏମାନଙ୍କ ସଙ୍ଗେ ବିଜେ କରାଇବା ପରେ ବେଶ କରାଯାଇଥାଏ । ଦକ୍ଷିଣିଘରେ ପାଣିପଡ଼ି ପୂଜା ଠା' ସରିଲେ ବାହାର ଦେଉଳି ରୋଷକୁ ଭୋଗ ଡକାଯାଇ ଭୋଗ ଛାମୁକୁ ଆସେ । ଜଣେ ପୂଜାପଣ୍ଡା ସେବକ ଆସ୍ଥାନ ପ୍ରତିହାରୀଙ୍କ ଠାରୁ ଜଳନେଇ ହାତ ଧୋଇବା ପରେ ତିନିଗୋଟି ସରାରେ ପ୍ରସ୍ତୁତ ଥିବା ତିନିଗୋଟା ମାଣ୍ଡୁଅ ସର୍ପା ମଣୋହି (ସମର୍ପଣ ଭୋଗ) ବଢ଼ାନ୍ତି । ଏହାପରେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମଦନମୋହନ ଛାମୁଦିହୁଡ଼ି ସହ ମହାଜନ ସେବକମାନଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ କରନ୍ତି । ତିନି ବାଡ଼ରେ କର୍ପୂର ଲାଗି ବଢ଼ିଲେ ସନ୍ଧ୍ୟା ଆଳତି ହୋଇଥାଏ । ଏହାପରେ ଜନୈକ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କ ଦକ୍ଷିଣ ଭୁଜର ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଏବଂ ବାମ ଭୁଜର ଦୁଇ ଆଜ୍ଞାମାଳ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଲାଗି କରିଥାଆନ୍ତି । ଏହାପରେ ଛାମୁଦିହୁଡ଼ି ସହ ତିନି ଠାକୁର ଓ ଠାକୁରାଣୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଜଗମୋହନ ଓ ବଟମୂଳ ଦେଇ ଝୁଲଣ ମଣ୍ଡପର ଦୋଳି ଉପରେ ବିଜେ କରନ୍ତି ।

ଶ୍ରୀଜୀଉଙ୍କର ସନ୍ଧ୍ୟାଧୂପ ସରିବା ପର୍ଯ୍ୟନ୍ତ ଏହି ଉତ୍ସବ ଲାଗି ରହେ ଓ ଭିତରେ ସନ୍ଧ୍ୟାଧୂପ ବଢ଼ିଲେ ଝୁଲଣ ମଣ୍ଡପଠାରେ ସୁଦୁସୁଆର ପାଣି ପକାଇବା ପରେ ଆସ୍ଥାନ ପ୍ରତିହାରୀ ଟେରା ବାନ୍ଧି ଶୀତଳ ଭୋଗ ପୂଜା ଠା' କରିଥାଆନ୍ତି । ଏହାପରେ ଜଣେ ପାଳିଆ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ପୂଜାବିଧି ସାରିବା ପରେ ମୁଦିରସ୍ତ ବନ୍ଦାପନା ନୀତି ବଢ଼ାଇଥାଆନ୍ତି । ଭିତରେ ଶ୍ରୀଜୀଉଙ୍କର ଚନ୍ଦନଲାଗି ଶେଷ ହେଲାପରେ ଝୁଲଣ କୁଞ୍ଜରେ ମହାଜନମାନେ ଠାକୁର ଠାକୁରାଣୀଙ୍କର ମୈଲମ କରନ୍ତି । ଏହାପରେ ଶ୍ରୀମଦନମୋହନଙ୍କୁ ଦକ୍ଷିଣ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଏ । ଏହିପରି ବିଧି ବିଧାନ ଓ ଉତ୍ସବ ସପ୍ତାହବ୍ୟାପୀ ପାଳିତ ହୋଇଥାଏ । ଅନ୍ୟତ୍ର ଶ୍ରୀରାଧାକୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲା ଯାଉଥିବା ବେଳେ ଶ୍ରୀମନ୍ଦିରରେ ଶ୍ରୀମଦନମୋହନଙ୍କ ସହିତ ଶ୍ରୀଦେବୀ ଓ ଭୂଦେବୀ ଦୋଳିରେ ଝୁଲିଥାଆନ୍ତି । (କ୍ରମଶଃ...)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀକ୍ଷେତ୍ରରେ ଅବସ୍ଥିତ 'ଚାର ଗଣେଶ'ଙ୍କ ଶ୍ରୀମନ୍ଦିର ସହ ସଂପର୍କ କ'ଣ ?

ଉ - ନରେନ୍ଦ୍ର ପୁଷ୍କରିଣୀ କୋଣରେ ଗୁରୁଜ ଜାଗା ପରିସରରେ ଥିବା ଏକ ଗଣେଶ ମୂର୍ତ୍ତି । ଶ୍ରୀମନ୍ଦିର ନିର୍ମାଣ ସମୟରେ ଏହାଙ୍କ ନିକଟରୁ ଚର ବନ୍ଧା ଯିବାକଥା ବିଶ୍ୱାସ କରାଯାଏ ।

୨. ପ୍ର - ଶ୍ରୀକ୍ଷେତ୍ରର 'ଋଷି ଆଶ୍ରମ' କେଉଁଠି ଅବସ୍ଥିତ ଏମାନେ କ'ଣ ଗୁରୁତ୍ୱ ବହନ କରନ୍ତି ?

ଉ - ଶ୍ରୀକ୍ଷେତ୍ରର ବାଲି ସାହିସ୍ଥ- ଭୃଗୁ ଆଶ୍ରମ, ଗୌଡ଼ବାଡ଼ ସାହିସ୍ଥ- କଣ୍ଡୁ ଆଶ୍ରମ, ମାର୍କଣ୍ଡେଶ୍ୱର ସାହିସ୍ଥ- ମାର୍କଣ୍ଡ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥ- ଅଙ୍ଗିରା ଆଶ୍ରମ, ଋଷି ଆଶ୍ରମ ରୂପେ ଖ୍ୟାତ । ଶ୍ରୀମନ୍ଦିରରେ କେତେକ ପର୍ବନୀତି ବେଳେ ଏଠାକୁ ଠାକୁରଙ୍କ ବିଜେ ପ୍ରତିମା ତଥା ସୁଦର୍ଶନ ଓ ନୃସିଂହ ବିଜେ କରନ୍ତି ।

୩. ପ୍ର - ଶ୍ରୀମନ୍ଦିର ରୀତି-ନୀତିରେ 'ଘହାଣି ମଣ୍ଡପ'ର ମହତ୍ୱ କ'ଣ ?

ଉ - ଏହା ଶ୍ରୀମନ୍ଦିର ବେଢ଼ା ଆନନ୍ଦ ବଜାରସ୍ଥିତ ଏକ ମଣ୍ଡପ । ବାହୁଡ଼ା ଦିନ ଲକ୍ଷ୍ମୀ ଏଠାରେ ଉପସ୍ଥିତ ହୋଇ ଶ୍ରୀଜଗନ୍ନାଥଙ୍କ ରଥକୁ ଚାହାଁନ୍ତି ଓ ତାହାପରେ ଶ୍ରୀନଅର ଦ୍ୱାରକୁ ଲକ୍ଷ୍ମୀନାରାୟଣ ଭେଟ ନିମନ୍ତେ ବିଜେ କରନ୍ତି । ଏହା ରଥ ପ୍ରତିଷ୍ଠା ମଣ୍ଡପ । ରଥଯାତ୍ରା ଦିନ ଦେଉଳ ପୁରୋହିତଙ୍କ ଦ୍ୱାରା ଏଠାରେ ରଥ ପ୍ରତିଷ୍ଠା ହୋମ ହୁଏ ।

୪. ପ୍ର- ଶ୍ରୀମନ୍ଦିରରେ 'ଚିତା' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ- କପାଳ ଓ ଦେହର ବିଭିନ୍ନ ଅଂଶରେ ଅଙ୍କନ କରାଯାଇଥିବା ତିଳକ ଓ ଚନ୍ଦନରେ ନାନା ପ୍ରକାର ଚିହ୍ନ । ଶ୍ରୀମସ୍ତକରେ କପାଳର ଚିତା ସ୍ଥାନରେ ଲାଗି ହେଉଥିବା ଅଳଙ୍କାର । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନିମନ୍ତେ ଯଥାକ୍ରମେ ହୀରା, ନୀଳା ଓ ମାଣିକ୍ୟ ଚିତା ରହିଛି । ସ୍ନାନ ପୂର୍ଣ୍ଣିମା ପୂର୍ବାହ୍ନ ଏଗୁଡ଼ିକ କାଢ଼ି ନିଆଯାଇ ରଥରେ ସୁନା ଓ ପଥର ବସା ସୋଲ ଚିତା ଲାଗି ହୁଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଯିଏ ରାମ ସେଇ ଜଗନ୍ନାଥ

ଶ୍ରୀଜଗନ୍ନାଥ ମହାପ୍ରଭୁ ଯୁଗେ ଯୁଗେ ଭିନ୍ନ ଭିନ୍ନ ଅବତାରରେ ଧରାଧାମରେ ଅବତୀର୍ଣ୍ଣ ହୋଇଅଛନ୍ତି । ଦୁଷ୍ଟମାନଙ୍କୁ ସଂହାର କରି ସନ୍ଥ ଭକ୍ତମାନଙ୍କୁ ରକ୍ଷା କରିବା ହେଉଛି ତାଙ୍କ ଅବତାର ଗ୍ରହଣ କରିବାର ଉଦ୍ଦେଶ୍ୟ । ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ରୂପରେ ରାଜା ଦଶରଥଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ । ପିତୃ ସତ୍ୟ ରକ୍ଷାକରି ପତ୍ନୀ ସୀତା ଏବଂ ସାନ ଭାଇ ଲକ୍ଷ୍ମଣଙ୍କୁ ସଂଗରେ ଧରି ଚଉଦ ବର୍ଷ ବନବାସ କଲେ । ଲଙ୍କାର ରାକ୍ଷସ ରାଜା ରାବଣ ତାଙ୍କ ପତ୍ନୀ ସୀତାଙ୍କୁ ଚୋରାଇ ନେଇଗଲା । ଭକ୍ତ ହନୁମାନ ଏବଂ ବାନରାଜ ସୁଗ୍ରୀବଙ୍କ ସାହାଯ୍ୟରେ ଶ୍ରୀରାମ ଲଙ୍କା ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ରାବଣର ସାନ ଭାଇ ବିଭୀଷଣ ରାକ୍ଷସ ହେଲେ ମଧ୍ୟ ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଥିଲେ । ସେ ଆସି ଶରଣ ପଶିଲେ ଏବଂ ଶ୍ରୀରାମ ତାଙ୍କୁ ଲଙ୍କାର ସିଂହାସନରେ ବସାଇବା ପାଇଁ ପ୍ରତିଶ୍ରୁତି ଦେଲେ । ରାବଣ ଯୁଦ୍ଧରେ ସବଂଶେ ନିପାତ ହେଲା । ବିଭୀଷଣ ଲଙ୍କାର ଅଧିପତି ରୂପେ ସିଂହାସନ ଆରୋହଣ କଲେ । ଭକ୍ତରାଜ ହନୁମାନଙ୍କ ଭଳି ବିଭୀଷଣ ଚିରଞ୍ଜିବୀ । ସେ ଆଜି ମଧ୍ୟ ସଂସାରରେ ବଞ୍ଚି ରହିଅଛନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପ୍ରତିଦିନ ଶ୍ରୀକ୍ଷେତ୍ରକୁ ଆସୁଅଛନ୍ତି । ସେ କେଉଁ ରୂପରେ କେତେବେଳେ ଆସନ୍ତି ତାହା ଜାଣିବା ସାଧାରଣ ଲୋକ ପକ୍ଷରେ ସମ୍ଭବ ନୁହେଁ । ଶ୍ରୀମନ୍ଦିରକୁ ବିଭୀଷଣ ଆସିବାର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ପହଣ୍ଡି ହୋଇ ରଥ ଉପରକୁ ଯିବା ପୂର୍ବରୁ ବିଭୀଷଣ ବନ୍ଦାପନା ନୀତି ହୁଏ । ଶରୀର ହୀନ ବିଭୀଷଣ ଗରୁଡ଼ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ବନ୍ଦାପନା କରନ୍ତି ଏବଂ ମହାପ୍ରଭୁ ଅତି ଆନନ୍ଦରେ ତାହା ଗ୍ରହଣ କରନ୍ତି । ଅନ୍ୟ ଦିନମାନଙ୍କରେ ଦେବସଭା ମଣ୍ଡପରେ ଦେବତାମାନଙ୍କ ଗହଣରେ ଥାଇ ବିଭୀଷଣ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥାନ୍ତି ବୋଲି ଅନ୍ତରଂଗ ଭକ୍ତମାନେ କହନ୍ତି । ପୂର୍ବେ ବିଭୀଷଣ ଆସି ଛଦ୍ମ ବେଶରେ ରୋହିଣୀକୁଣ୍ଡ ନିକଟରେ ଅପେକ୍ଷା କରୁଥିଲେ । ମହାପ୍ରଭୁଙ୍କ ବଡ଼ସିଂହାର ବେଶ ଏବଂ ରାତ୍ରି ପହୁଡ଼ଦର୍ଶନ ସାରି ଫେରୁଥିଲେ । ଅପେକ୍ଷା ସମୟରେ ତାଙ୍କ ଦର୍ଶନ ପାଇଁ ବଡ଼ଦେଉଳର ଦକ୍ଷିଣ ପାର୍ଶ୍ୱରେ ମହାପ୍ରଭୁଙ୍କର ତ୍ରିମୂର୍ତ୍ତି ଉଭା ହୋଇଥିବାର ମୂର୍ତ୍ତି ବିରାଜମାନ ହୋଇଥିଲେ । ଶ୍ରୀମନ୍ଦିର ମରାମତି କାଳରେ ସେ ମୂର୍ତ୍ତିମାନଙ୍କୁ ଅପସାରଣ କରି ଅନ୍ୟତ୍ର ରଖାଯାଇଛି । ମହାପ୍ରଭୁଙ୍କର ଜଣେ ଅନ୍ତରଂଗ ସେବକ ଭକ୍ତ ଭାବବିହ୍ୱଳ



ହୋଇ ତାଙ୍କ ପୂର୍ବପୁରୁଷ ବିଭୀଷଣଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିଥିବା କାହାଣୀ କହନ୍ତି । ମହାପ୍ରଭୁଙ୍କ ରାତ୍ରି ପହୁଡ଼ ନୀତି ସାରି ଆପଣା ବାସଭବନକୁ ଫେରିଗଲାବେଳେ ସେ ଦେଖିଲେ ଜଣେ ବିରାଟକାୟ ବ୍ୟକ୍ତି ଦକ୍ଷିଣ ଦ୍ୱାର ଦେଇ ବଡ଼ଦେଉଳରୁ ବାହାରି ଯାଉଅଛନ୍ତି । ତାଙ୍କ ଅଜ୍ଞାତରେ ଭକ୍ତ ଜଣକ ତାଙ୍କ ପିଛାକଲେ । ସ୍ୱର୍ଗଦ୍ୱାର ଯାଏ ଚାଲି ଚାଲି ଯାଇ ବିଭୀଷଣ ଏଣିକି ତେଣିକି ଚାହିଁଲେ କିଏ କେଉଁଠି ଅଛି ବୋଲି । ଏହି ସମୟରେ ଭକ୍ତ ଜଣକ ଜୟ ଜଗନ୍ନାଥ ଉଚାରଣ କରି ପଛ ପାଖରୁ ତାଙ୍କୁ କୁଣ୍ଢାଇ ଧରିଲେ । ବିରାଟକାୟ ବ୍ୟକ୍ତି ଜଣକ ତାଙ୍କ ହାତରେ ଆପଣାର ହାତରେ ପିନ୍ଧିଥିବା ସୁନା କଙ୍କଣଟି ଧରାଇ ଦେଇ କହିଲେ, ଏଇଟିକୁ ନେଇ ଫେରିଯାଅ । ମୁଁ ବିଭୀଷଣ । ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲି, କାହାକୁ କହିବ ନାହିଁ । ଏହି କଙ୍କଣଟିକୁ ତୁମ ପୂଜା କୋଠରୀ କାନ୍ଥରେ ଗାତଖୋଳି ସମସ୍ତଙ୍କ ଅଜ୍ଞାତରେ ଲୁଚାଇ ରଖିବ । ମୋ କଥା ନ ମାନିଲେ ତୁମର କ୍ଷତି ହେବ । ମୋତେ ଛାଡ଼ । ମୁଁ ଚାଲିଲି । ତାଙ୍କ ଉଭାନ୍ ହୋଇଯିବା ଦୃଶ୍ୟ ଦେଖି ଭକ୍ତ ଭାବିଲେ ଇଏ ଶ୍ରୀରାମଙ୍କ ପରମ ଭକ୍ତ ବିଭୀଷଣ! ଆମର ମହାପ୍ରଭୁ ଶ୍ରୀଜଗନ୍ନାଥ ତେବେ ତ୍ରେତୟା ଯୁଗରେ ଶ୍ରୀରାମ ଅବତାର ହୋଇ ଜନ୍ମଗ୍ରହଣ କରିଥିଲେ ! ନହେଲେ ତାଙ୍କ ବଡ଼ ଦେଉଳର ଅଁଳାବେଢ ଉପରେ ରାମ ତିଳକ ଚିହ୍ନ ରହିଥାଆନ୍ତା କାହିଁକି ? ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଦ୍ୱାରରେ ଶ୍ରୀରାମ ଭକ୍ତ ହନୁମାନ ଜଗି ବସିଥାନ୍ତେ କାହିଁକି ? ଯିଏ ରାମ ସିଏ ଜଗନ୍ନାଥ । ଜୟ ଜଗନ୍ନାଥ ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ଅପ୍ରେଲ୍ ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୪.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ କାମଦା ଏକାଦଶୀ ଓ ସୀତା ବିବାହ |
| ତା ୨.୪.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ବନବାସ |
| ତା ୩.୪.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ କନ୍ଦର୍ପ ଅଧିବାସ, ମାୟାମୃଗ ଓ ସୀତାଚୋରୀ |
| ତା ୪.୪.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଦୟଣାଚୋରୀ, ଯାତ୍ରା ପଡ଼ିଆ ଓ ଅନଙ୍ଗ ତ୍ରୟୋଦଶୀ |
| ତା ୫.୪.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ ଓ ଲଙ୍କା ପୋଡ଼ି |
| ତା ୬.୪୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଚୈତ୍ର ପୂର୍ଣ୍ଣିମା ଓ ଯାତ୍ରା ପଡ଼ିଆ |
| ତା ୭.୪.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ସେତୁ ବନ୍ଧ ପ୍ରସ୍ତାବ |
| ତା ୮.୪.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ରାବଣ ବଧ ପ୍ରସ୍ତାବ |
| ତା ୧୪.୪.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି |
| ତା ୧୫.୪.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ରାମାଭିଷେକ |
| ତା ୨୦.୪.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ରକ୍ମିଣୀ ଅମାବାସ୍ୟା |
| ତା ୨୩.୪.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା ଓ ଚନ୍ଦନଯାତ୍ରା ଆରମ୍ଭ |
| ତା ୨୮.୪.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ |

**ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।**

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***
***E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri***
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri
ମୂଲ୍ୟ : ଦୁଇଟଙ୍କା ମାତ୍ର